بسم الله الرحمن الرحيم

**୨୪ ସେପ୍ଟେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ (ପୃଥକକାରୀ) ହଜରତ ଉମର ବିନ୍ ଖତାବ୍ [ର.ଅ]ଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ସେହିକ୍ରମରେ ଆଜି ମୁଁ ବୈତୁଲ୍ ମୁକଦ୍ଦସ୍‌ର ବିଜୟ ଯାହାକି ୧୫ ହିଜ୍‌ରୀରେ ଘଟିଥିଲା, ତାହାର ଚର୍ଚ୍ଚା କରିବି । ଖ୍ରୀଷ୍ଟଧର୍ମୀମାନେ ମୁସଲମାନମାନଙ୍କ (ଦୀର୍ଘ କାଳ) ଘେରାଉରେ ଅତିଷ୍ଠ ହୋଇ ଏହି ସର୍ତ୍ତରେ ସନ୍ଧି କରିବାର ପ୍ରସ୍ତାବ ଦେଲେ ଯେ ଚୁକ୍ତି କରିବା ପାଇଁ ହଜରତ ଉମର[ର.ଅ] ସ୍ୱୟଂ ବୈତୁଲ୍ ମୁକଦ୍ଦସ୍ ଆସନ୍ତୁ । ଏହି ସୂଚନା ପାଇବା ପରେ ହଜରତ ଉମର[ର.ଅ] ସାହାବାମାନଙ୍କ ସହିତ ପରାମର୍ଶ କଲେ । ସେତେବେଳେ ହଜରତ ଉସମାନ୍[ର.ଅ] ରାୟ ଦେଲେ, ଯେ ବର୍ତ୍ତମାନ ଖ୍ରୀଷ୍ଟଧର୍ମୀମାନେ ଭୟପ୍ରଦ ଓ ହତୋତ୍ସାହିତ ଅବସ୍ଥାରେ ଗ୍ରସିତ । ଯଦି ଆପଣ ସେମାନଙ୍କ ପ୍ରସ୍ତାବ ଖାରଜ କରିଦିଅନ୍ତି ତେବେ ସେମାନେ ଆହୁରି ଅପମାନିତ ଅନୁଭବ କରିବେ । ସେଥିଅନ୍ତେ ହଜରତ ଅଲୀ[ର.ଅ] ନିଜର ମତ ପ୍ରକାଶ କଲେ ଯେ ଆପଣଙ୍କୁ ଏଲିୟା ଅଭିମୁଖେ ପ୍ରସ୍ଥାନ କରିବା ଉଚିତ୍ । ଏହି ଆଲୋଚନା ପୂର୍ଣ୍ଣ ବୈଠକ ଅନ୍ତେ ହଜରତ ଉମର[ର.ଅ] ହଜରତ ଉସମାନ୍[ର.ଅ] ଅଥବା ହଜରତ ଅଲୀ [ର.ଅ]ଙ୍କୁ ମଦିନାର ଅମିର ମୁତୟନ କରି ବୈତୁଲ୍ ମୁକଦ୍ଦସ୍ ଅଭିମୁଖେ ବାହାରି ପଡ଼ିଲେ । ଆପଣଙ୍କର ଏହି ଯାତ୍ରା କୌଣସି ସାଧାରଣ ଯାତ୍ରା ନଥିଲା । ଏହି ଯାତ୍ରାର ଉଦ୍ଦେଶ୍ୟ ଇସଲାମର ପରାକାଷ୍ଠା ଓ ଭବ୍ୟତା ଲୋକମାନଙ୍କ ହୃଦୟରେ ପ୍ରତିପାଦନ କରିବା ଥିଲା କିନ୍ତୁ ଏଥିସକାଶେ ହଜରତ ଉମର [ର.ଅ]ଙ୍କ ସାଥିରେ କୌଣସି ସେନା ବାହିନୀ ନଥିଲା । ଏହି ଅଭିଯାନରେ ଆପଣ[ର.ଅ] ଅତ୍ୟନ୍ତ ସରଳ ଓ ସାମାନ୍ୟ ଅବସ୍ଥାରେ ମାତ୍ର କିଛି ସାହାବାଙ୍କୁ ଅବା ନିଜର ଜଣେ ଦାସଙ୍କୁ ସାଥିରେ ନେଇ ବାହାରି ଯାଇଥିଲେ । ତଥାପି ଆପଣଙ୍କ ଆଗମନର ଖବର ଯେଉଁସ୍ଥଳେ ପହଂଚୁଥିଲା, ସେହି ପର୍ଯ୍ୟନ୍ତ ଭୂମି ପ୍ରକମ୍ପିତ ହୋଇ ଉଠୁଥିଲା ।

ମୁହମ୍ମଦ ହୁସୈନ ହୈକଲ୍‌ଙ୍କ କହିବାନୁଯାୟୀ ହଜରତ ଉମର[ର.ଅ] କେବଳ ସନ୍ଧି କରିବା ଉଦ୍ଦେଶ୍ୟରେ ମଦିନାରୁ ବାହାରି ନଥିଲେ ବରଂ ଯେତେବେଳେ ହଜରତ ଉମର ବିନ୍ ଆସ୍[ର.ଅ] ଆପଣଙ୍କ ନିକଟରୁ ଅଧିକ ସୈନ୍ୟ ସାହାଯ୍ୟ ମାଗିଥିଲେ ସେତେବେଳେ ହଜରତ ଉମର [ର.ଅ]ଙ୍କ ଧୈର୍ଯ୍ୟ ରୂପକ ବନ୍ଧ ଭାଙ୍ଗି ଯାଇଥିଲା । ଆପଣ[ର.ଅ] ସ୍ୱୟଂ ସିରିୟା ଓ ଅର୍ଦନର ମଧ୍ୟବର୍ତ୍ତୀ ଅଂଚଳ ଜାବିୟା ଅଭିମୁଖେ ବାହାରି ପଡ଼ିଥିଲେ । ଏତିକିବେଳେ ହଜରତ ଅବୁ ଉବେଦାଃ[ର.ଅ] ଓ ହଜରତ ଖାଲିଦ୍[ର.ଅ] ମଧ୍ୟ ସିରିୟା ବିଜୟ କରିବା ଲକ୍ଷ ହାସଲ କରିନେଇଥିଲେ । ହଜରତ ଉମର ସେହି ଦୁହିଁଙ୍କୁ ମଧ୍ୟ ଜାବିୟାରେ ପହଂଚିବାକୁ ଆଦେଶ ପ୍ରେରଣ କଲେ ଯଦ୍ୱାରା ବୈତୁଲ୍ ମୁକଦ୍ଦସ୍ ଜୟ କରିବାର ସରଳତମ ମାର୍ଗର ସନ୍ଧାନ ମିଳି ପାରିବ ।

ଶତ୍ରୁ ପକ୍ଷର ସରଦାରମାନଙ୍କୁ ଯେତେବେଳେ ହଜରତ ଅବୁ ଉବେଦାଃ[ର.ଅ] ଓ ହଜରତ ଖାଲିଦ୍ [ର.ଅ]ଙ୍କର ଜାବିୟା ପହଂଚିବାର ଖବର ମିଳିଲା ସେତେବେଳେ ସେମାନେ ବୁଝିଗଲେ ଯେ ବୈତୁଲ୍ ମୁକଦ୍ଦସ୍ ଆମ ଅଧିନରେ ଆଉ ଅଧିକ ସମୟ ରହିବ ନାହିଁ । ଅତଏବ ଜଣେ ସରଦାର ତ କିଛି ସୈନିକଙ୍କୁ ସାଥିରେ ନେଇ ମିସର ପଳାୟନ କଲା ।

ଯେତେବେଳେ କି ସଫର ୟୁନୁସ୍ ସନ୍ଧି କରିବା ପାଇଁ ହଜରତ ଉମର ରା.ଅଙ୍କ ଆଗମନର ସର୍ତ୍ତ ରଖିଲା । ଯାତ୍ରା କରିବା ପର୍ଯ୍ୟାୟରେ ପ୍ରତିଦିନ ପ୍ରାତଃ ନମାଜ ପାଠ କରିବା ପରେ ହଜରତ ଉମରରା.ଅ ନିଜ ସାଥିମାନଙ୍କୁ ପ୍ରଭୁଙ୍କ ନିକଟରୁ ପୁରସ୍କାର ଲାଭ କରିବାର ଦୁଆ ମାଗିବାକୁ ଉପଦେଶ ଦେଉଥିଲେ । ହଜରତ ଖାଲିଦ୍ ବିନ୍ ୱଲିଦ୍ ଓ ୟଯିଦ୍ ବିନ୍ ମାୱିୟା ଜାବିୟାରେ ହଜରତ ଉମର ରା.ଅଙ୍କର ସ୍ୱାଗତ କଲେ । ସେଠାରେ ଆପଣ ସେମାନଙ୍କ ଅବସ୍ଥା ଅର୍ଥାତ ଆରବର ସରଳ ଓ ବିନମ୍ର ଗୁଣ ସେମାନଙ୍କ ଠାରେ ଆଉ ବାକି ରହି ନଥିବା ଅବଲୋକନ କରି ନିଜ ଅଶ୍ୱ ଉପରୁ ଓହ୍ଲାଇ ପଡ଼ିଲେ ଏବଂ ସେମାନଙ୍କ ଉପରକୁ ଟେକା ଫିଙ୍ଗିଲେ । କିନ୍ତୁ ସେମାନେ କାରଣ ଦର୍ଶାଇ କହିଲେ ଏହି ମୂଲ୍ୟବାନ ବସ୍ତ୍ର ମଧ୍ୟରେ (ଆମର ଗୁପ୍ତ) ଅସ୍ତ୍ରଶସ୍ତ୍ର ରହିଛି । ଆମେ ଅସ୍ତ୍ର ଚାଳନାର ନିପୁଣତା ପାଶୋରି ଯାଇ ନାହୁଁ । ହଜରତ ଉମରରା.ଅ କହିଲେ ଯଦି ଏକଥା ଠିକ୍ ଯେ ତୁମେମାନେ ଶତ୍ରୁକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପ୍ରକାଶ୍ୟ ଆଡ଼ମ୍ବର ଆପଣାଇଛ ତେବେ କିଛି କଥା ନାହିଁ । ୟଯିଦ୍ ବିନ୍ ଅବୁସୁଫିୟାନ ହଜରତ ଉମର ରା.ଅଙ୍କୁ ଦାମି ପୋଷାକ ଓ ଉତ୍ତମ ବାହନ ପରିଧାନ କରିବାକୁ ନିବେଦନ କଲେ, ଏଥିରେ ହଜରତ ଉମରରା.ଅ କହିଲେ; ହେ ୟଯିଦ୍ ! ଏପରି ହୋଇପାରିବ ନାହିଁ । ଅଲ୍ଲାଃଙ୍କ ରାଣ ମୁଁ ନିଜର ଏହି ପିନ୍ଧାଓଢ଼ା ଓ ଅବସ୍ଥାକୁ ପରିହାର କରିବି ନାହିଁ । ଯେଉଁ ଅବସ୍ଥାରେ ମୁଁ ନିଜ ଦୁଇ ସାଥିଙ୍କୁ ଛାଡ଼ି ଥିଲି ଅର୍ଥାତ ହଜରତ ମୁହମ୍ମଦସ.ଅ ଓ ହଜରତ ଅବୁବକର ରା.ଅଙ୍କୁ । ମୁଁ ଲୋକମାନଙ୍କ ସକାଶେ ଏହି ପ୍ରାଚୁର୍ଯ୍ୟତାକୁ ଆପଣାଇବି ନାହିଁ । କାରଣ ମୁଁ ଭୟ କରୁଛି ଯେ ଏପରି କରିବା ଦ୍ୱାରା ମୁଁ ନିଜ ପାଳନକର୍ତ୍ତାଙ୍କ ନିକଟରେ କଳୁଷିତ ହୋଇ ନଯାଏ ଏବଂ ମୁଁ ଚାହୁଁ ନାହିଁ ଯେ ଲୋକମାନଙ୍କ ଗହଣରେ ତ ମୁଁ ଉଚ୍ଚ ଆସନରେ ବିରାଜିତ ରୁହେ କିନ୍ତୁ ପ୍ରଭୁଙ୍କ ଦୃଷ୍ଟିରେ ନଗଣ୍ୟ ହୋଇଯାଏ । ସୁତରାଂ ହଜରତ ଉମରରା.ଅ ନିଜର ବେଶଭୂଷାକୁ ପରିବର୍ତ୍ତନ କଲେ ନାହିଁ । ଯେଉଁ ଅବସ୍ଥାରେ ସେ ହଜରତ ମୁହମ୍ମଦସ.ଅ ଓ ହଜରତ ଅବୁବକର ରା.ଅଙ୍କ ସମୟରେ ଜୀବନ ଅତିବାହିତ କରିଥିଲେ, ସେଥିରେ ପ୍ରତିଷ୍ଠିତ ରହିଲେ । ଏପରିକି ସେ ଏହି ଭବ ସଂସାରରୁ ଆରପାରିକୁ ଚାଲିଗଲେ ।

କେତେକ ଇତିହାସବିତଙ୍କ ମତରେ ମୁସଲମାନ ଓ ଖ୍ରୀଷ୍ଟଧର୍ମୀଙ୍କ ମଧ୍ୟରେ ଜାବିୟା ଚୁକ୍ତିର ସାକ୍ଷର ଏଲିୟା ଠାରେ ହୋଇଥିଲା । ଏହି ସନ୍ଧି ପତ୍ରରେ ହଜରତ ଖାଲିଦ୍ ବିନ୍ ୱଲିଦ୍, ହଜରତ ଉମର ବିନ୍ ଆସ୍, ଅବଦୁର ରହେମାନ ବିନ୍ ଔଫ୍, ମାୱିୟା ବିନ୍ ଅବୁସୁଫୟାନ୍ ଆଦି ସ୍ୱାକ୍ଷର କରିଥିଲେ । ହଜୁର ଅନଓ୍ୱରଅ.ବ ତବରୀରେ ଦରଜ୍ ସନ୍ଧିନାମାର ମଧ୍ୟ ଆଲେଖ୍ୟ ଉପସ୍ଥାପନ କରିଥିଲେ ।

ଇବନେ ଖୁଲ୍‌ଦୁମ୍‌ର ଇତିହାସ ପୃଷ୍ଠାରେ ବର୍ଣ୍ଣନା ରହିଛି ଏହି ସନ୍ଧିରୁ କିଛି କଥା ପ୍ରମାଣିତ ହୋଇଥାଏ ଉଦାହରଣ ସ୍ୱରୂପ ଇସଲାମ ଖଣ୍ଡା ଓ ହତିଆର ମାଧ୍ୟମରେ ପ୍ରସାର ଲାଭ କରି ନାହିଁ । ମୁସଲମାନମାନଙ୍କ ଶାସନ କାଳରେ ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କୁ ସେମାନଙ୍କ ଧାର୍ମିକ ସ୍ୱାଧିନତା ହାସଲ ଥିଲା । ଅଣମୁସଲମାନମାନଙ୍କ ଠାରୁ ଜୋର ଜବରଦସ୍ତି କର ଆଦାୟ କରାଯାଉ ନଥିଲା । ଏହି ସନ୍ଧିର ଖବର ଯେତେବେଳେ ସର୍ବତ୍ର ପ୍ରସାରିତ ହେଲା ସେତେବେଳେ ରମ୍‌ଲା, ଫିଲିସ୍ତିନ୍ ଓ ଲଦ୍'ର ଅଧିବାସୀ ଏପରି ସନ୍ଧି କରିବାକୁ ବ୍ୟଗ୍ର ହୋଇ ଚାଲି ଆସିଲେ । ହଜରତ ଉମରରା.ଅ ଫିଲିସ୍ତିନ୍'କୁ ଦୁଇ ଭାଗ କରି ଗୋଟିଏ ଭାଗ ଅର୍ଥାତ ରମ୍‌ଲା ଅଲକମା ବିନ୍ ହକିମ୍‌ଙ୍କୁ ଏବଂ ଅନ୍ୟ ଭାଗଟି ଅର୍ଥାତ ଏଲିୟା ଅଲକମା ବିନ୍ ମୁଯଜଜ୍‌ଙ୍କୁ ପ୍ରଦାନ କରିଦେଲେ । ଅର୍ଥାତ ଉଭୟଙ୍କୁ ସେହି ଅଂଚଳର ହାକିମ ମୁତୟନ କରିଥିଲେ ।

ହଜରତ ଉମରରା.ଅ ଅତି ସାଧା ପୋଷାକ ପରିଧାନ କରି ବୈତୁଲ୍ ମୁକଦ୍ଦସ୍ ଅଭିମୁଖେ ପ୍ରସ୍ଥାନ କରିଥିଲେ । ଯେଉଁସ୍ଥଳେ ହଜରତ ଅବୁ ଉବେଦାଃରା.ଅ ଓ ଇସଲାମୀୟ ସେନାର ସରଦାରମାନେ ଆପଣ ରା.ଅଙ୍କର ଭବ୍ୟ ସ୍ୱାଗତ କଲେ । ଖ୍ରୀଷ୍ଟଧର୍ମୀ ପାଦ୍ରୀ ସ୍ୱହସ୍ତରେ ସହରର ଚାବି ହଜରତ ଉମର ରା.ଅଙ୍କୁ ପ୍ରଦାନ କଲେ । ଜମାଅତ ଅହେମଦିୟାର ପ୍ରଥମ ଖଲିଫା କୁହନ୍ତି; ଯେତେବେଳେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଆପଣ ରା.ଅଙ୍କୁ ଅତି ସାଧା ପୋଷାକରେ ଦେଖିଲେ ସେତେବେଳେ ସହରର ଚାବି ଫିଙ୍ଗିଦେଲେ ଏବଂ କହିଲେ; **ଏହି ସେନାଧକ୍ଷର ମୁକାବିଲା ଆମେମାନେ କରିପାରିବୁ ନାହିଁ ।** ସେଠାରେ ପହଂଚି ସର୍ବପ୍ରଥମେ ହଜରତ ଉମର ମସଜିଦ୍ ଅକ୍ସା ଗଲେ, ସେଥିଅନ୍ତେ ଖ୍ରୀଷ୍ଟଧର୍ମୀଙ୍କ ଗିର୍ଜାର ପରିକ୍ରମଣ କଲେ । ସେତିକିବେଳେ ନମାଜ ପାଠ କରିବାର ସମୟ ଆସିଯିବାରୁ ଖ୍ରୀଷ୍ଟଧର୍ମୀମାନେ ନିଜ ଗିର୍ଜାରେ ଆପଣଙ୍କୁ ନମାଜ

ପାଠ କରିବାର ଅନୁମତି ଦେଲେ ସୁଦ୍ଧା ଆପଣ[ର.ଅ] ଏହି ଚିନ୍ତାରେ କି ଆସନ୍ତା ପିଢି ଆପଣଙ୍କର ଏହି ଅମଳକୁ ଦୃଷ୍ଟାନ୍ତ ସ୍ୱରୂପ ଖ୍ରୀଷ୍ଟଧର୍ମୀଙ୍କ ଉପାସ୍ୟ ସ୍ଥଳେ କୌଣସି ପ୍ରକାର ହସ୍ତକ୍ଷେପ ନକରନ୍ତୁ, ବାହାରକୁ ଚାଲି ଯାଇ ନମାଜ ପାଠ କଲେ ।

ଏଲିୟାରେ ଅବସ୍ଥାନ ସମୟରେ ହଜରତ ଅବୁ ଉବେଦାଃ [ର.ଅ]ଙ୍କ ବ୍ୟତୀତ ସମସ୍ତ ମୁସଲମାନ ସରଦାରମାନେ ହଜରତ ଉମରଙ୍କୁ ନିମନ୍ତ୍ରିତ କଲେ । ହଜରତ ଉମର ହଜରତ ଅବୁ ଉବେଦାଃ[ର.ଅ]ଙ୍କୁ ଏହାର କାରଣ ପଚାରିବାରୁ ସେ ଉତ୍ତର ଦେଲେ, ହେ ଅମିରୁଲ୍ ମୁମିନିନ୍ ! ମୁଁ ଭୟ କରୁଛି ଯେ ଯଦି ମୁଁ ଆପଣଙ୍କୁ ନିମନ୍ତ୍ରିତ କରେ ତେବେ ଆପଣ ନିଜ ଚକ୍ଷୁ ଉପରେ କାବୁ ରଖିପାରିବେ ନାହିଁ । ତଥାପି ହଜରତ ଉମର[ର.ଅ] ତାଙ୍କ ସିବିର ମଧ୍ୟକୁ ଚାଲିଗଲେ । ଆପଣ[ର.ଅ] ସେଠାରେ ଯାଇ ଦେଖନ୍ତି, ଯେ ଘୋଡ଼ା ଉପରେ ବସିବାର ଏକ ଆସନ ଓ କପଡ଼ା ଖଣ୍ଡିଏ ବ୍ୟତୀତ ଅନ୍ୟଥା କିଛି ନାହିଁ । ହଜରତ ଅବୁ ଉବେଦାଃ[ର.ଅ] ସେହି ଦୁଇଟି ଜିନିଷକୁ ନିଜର ସେଜ ରୂପେ ବ୍ୟବହାର କରୁଥିଲେ । ଆଉ ଏକ କଣରେ ସୁଖିଲା ରୁଟିଟିଏ ପଡ଼ିଥିଲା । ଯାହାକୁ ଆପଣ ଜଳ ସହିତ ହଜରତ ଉମର [ର.ଅ]ଙ୍କ ଆତିଥ୍ୟରେ ପରସି ଦେଇଥିଲେ । ହଜରତ ଉମର[ର.ଅ] ଏହି ଦୃଶ୍ୟ ଦେଖି ଆତ୍ମବିଭୋର ହୋଇ କାନ୍ଦି ପକାଇଲେ । ସେଥିଅନ୍ତେ ହଜରତ ଅବୁ ଉବେଦାଃ [ର.ଅ]ଙ୍କୁ ପାଛୋଟି ଧରି କୁଣ୍ଢାଇ ନେଲେ । ହଜରତ ଅବୁ ଉବେଦାଃ କହିଲେ; ମୁଁ ଆପଣଙ୍କୁ ପୂର୍ବରୁ ଏହି କଥା କହି ନଥିଲି ଯେ ଆପଣ ମୋ ଅବସ୍ଥା ଦେଖିଲେ ନିଜକୁ ସମ୍ଭାଳି ପାରିବେ ନାହିଁ । ତା'ପରେ ହଜରତ ଉମର ସିବିର ବାହାରକୁ ବାହାରି ଆସିଲେ ଏବଂ ଲୋକମାନଙ୍କ ଗହଣରେ ଛିଡ଼ା ହୋଇ ପ୍ରଥମେ ପ୍ରଭୁଙ୍କ ମହିମା ଗାନ କଲେ, ହଜୁର [ସ.ଅ]ଙ୍କ ଉପରେ ଦରୁଦ୍ ପ୍ରେରଣ କଲେ । ସେଥିଅନ୍ତେ କହିଲେ; ହେ ଇସଲାମର ଅନୁଗାମୀମାନେ ! ସୁନିଶ୍ଚିତ ରୂପେ ଅଲ୍ଲାଃ ନିଜ ପ୍ରତିଶୃତି ପୂରଣ କରି ଦେଖାଇଲେ ଏବଂ ସେ ଶତ୍ରୁ ମୁକାବିଲାରେ ତୁମର ବିଶେଷ ସାହାଯ୍ୟ କଲେ ତଥା ତୁମକୁ ଏହି ଦେଶମାନଙ୍କର ଉତ୍ତରାଧିକାରୀ କରିଦେଲେ । ଭୂପୃଷ୍ଠରେ ତୁମମାନଙ୍କୁ ଗୌରବ ଓ ମର୍ଯ୍ୟାଦା ପ୍ରଦାନ କଲେ । ସୁତରାଂ ତୁମମାନଙ୍କୁ ନିଜ ପାଳନକର୍ତ୍ତାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ତୁମେମାନେ ଅମାନ୍ୟକାରୀଙ୍କ ଠାରୁ ଦୂରେଇ ରୁହ । କାରଣ ଅମାନ୍ୟକାରୀମାନେ ପ୍ରଭୁଙ୍କ ପୁରସ୍କାରର କୃତଜ୍ଞତା ଜ୍ଞାପନ କରି ନଥାନ୍ତି । ଏଭଳି ଖୁବ୍ କମ୍ ଦେଖିବାକୁ ମିଳିଥାଏ ଯେ ପ୍ରଭୁ କୌଣସି ଜାତିକୁ ପୁରସ୍କୃତ କରିଥାନ୍ତି ଏବଂ ସେମାନେ ତାହାର ଅକୃତଜ୍ଞତା କରିବା ପରେ ଯଦି ସେମାନେ ଶୀଘ୍ର ତା ଶୀଘ୍ର କ୍ଷମା ଯାଚନା କରିନେଇ ନଥାନ୍ତି ତେବେ ସେହି ପରାକ୍ରମୀ ପ୍ରଭୁ ତାଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାରେ ନମ୍ରତା ପ୍ରଦର୍ଶନ କରିଥାନ୍ତି ।

ଏକଦା ହଜରତ ବିଲାଲ[ର.ଅ] ଅଭିଯୋଗ କଲେ ଯେ ଅଫିସରମାନେ ସ୍ୱାଦିଷ୍ଟ ଓ ଉତ୍ତମ ଖାଦ୍ୟ ସେବନ କରୁଛନ୍ତି । ଯେତେବେଳେ କି ସାଧାରଣ ମୁସଲମାନମାନଙ୍କୁ ତ ସାମାନ୍ୟତମ ଖାଦ୍ୟ ମଧ୍ୟ ଉପଲବ୍ଧ ନାହିଁ । ଏଥି ସଂକ୍ରାନ୍ତରେ ହଜରତ ଉମର[ର.ଅ] ଅନୁସନ୍ଧାନ କରିବାରୁ ଜଣାଗଲା ଯେ ହିଜାୟ୍'ରେ ଖାଦ୍ୟ ସାମଗ୍ରୀର ଦରଦାମ ବେଶ ଶସ୍ତା । ବସ୍ତୁତଃ ଆପଣ ଅଫିସରମାନଙ୍କୁ ପ୍ରତିବନ୍ଧ କରିବା ପରିବର୍ତ୍ତେ ଗରିବ ମୁସଲମାନମାନଙ୍କ ପାଇଁ ଆବଶ୍ୟକୀୟ ସାମଗ୍ରୀର ବଜେଟ୍ ପ୍ରସ୍ତୁତ କଲେ ଏବଂ ବୈତୁଲ୍ ମାଲରୁ ସେହି ସାମଗ୍ରୀମାନ ଉପଲବ୍ଧ କରେଇବାର ବ୍ୟବସ୍ଥା କଲେ ।

ଦିନେ ହଜରତ ଉମର[ର.ଅ] ଲୋକମାନଙ୍କ ଅନୁରୋଧ ରକ୍ଷା କରି ହଜରତ ବିଲାଲ [ର.ଅ]ଙ୍କୁ ଅଜାନ୍ ଦେବାକୁ ନିର୍ଦ୍ଦେଶ ଦେଲେ । ଯେତେବେଳେ ହଜରତ ବିଲାଲ[ର.ଅ] ଅଜାନ୍ ଦେଲେ ସେତେବେଳେ ହଜରତ ଉମର [ର.ଅ]ଙ୍କ ସହିତ ସଭିଙ୍କୁ ହଜୁର [ସ.ଅ]ଙ୍କ ସମୟ ମନେପଡ଼ିଗଲା । ଯଦ୍ୱାରା ସଭିଏଁ ନିରନ୍ତର ଭାବରେ ରୋଦନ କରି ଚାଲିଥିଲେ ।

ବୈତୁଲ୍ ମୁକଦସ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ହଜରତ ଉମର[ର.ଅ] ସମ୍ପୂର୍ଣ୍ଣ ଦେଶର ଗସ୍ତ କରିଥିଲେ । ଯେତେବେଳେ ଆପଣ ଦିନା'ରେ ପହଂଚିଲେ ସମସ୍ତେ ଆପଣଙ୍କ ଭବ୍ୟ ସ୍ୱାଗତ କଲେ । ଆପଣ ସଙ୍ଗେସଙ୍ଗେ ମସଜିଦ୍ ନବୀ ଚାଲିଗଲେ ସେଠାରେ ଦୁଇ ରେକାତ ନମାଜ ପାଠ କଲେ ଏବଂ ଲୋକମାନଙ୍କୁ ସମ୍ବୋଧିତ କଲେ ।

୭୦ ହିଜ୍‌ରୀରେ ରୋମୀମାନେ ନିଜ (କ୍ଷମତା ଫେରି ପାଇବାର) ଶେଷ ପ୍ରୟାସ କରିଥିଲେ । ୟଜଦୟର୍ଦ ରୈ' ପଳାୟନ କରିଯାଇଥିଲା । ଉପକୂଳବର୍ତ୍ତୀ ଲୋକମାନେ ସମ୍ପୂର୍ଣ୍ଣ ରୂପେ ନିଜର ଆତ୍ମବିଶ୍ୱାସ ହରାଇ ଦେଇଥିଲେ । ତେଣୁ ସେମାନେ ହରକଲ୍‌କୁ ପତ୍ର ଲେଖିଲେ ଯେ ଯଦି ସେ ନିଜର ସେନାକୁ ସମୁଦ୍ର ପଥ ମଧ୍ୟ ଦେଇ ଆଣନ୍ତି ତେବେ

ଏମାନେ ତାଙ୍କ ସହିତ ମିଳିତ ହୋଇ ମୁସଲମାନମାନଙ୍କ ମୁକାବିଲା କରିବେ । ହରକଲ୍ ଏହି ପ୍ରସ୍ତାବ ଉପରେ ଚିନ୍ତନ କଲା ଏବଂ ସେନାକୁ ସିକନ୍ଦରିୟାର ସମୁଦ୍ର ପଥରେ ଅନ୍‌ତାକିୟା ପହଂଚିବାର ଆଦେଶ ଦେଲେ । ଯେତେବେଳେ ହଜରତ ଅବୁ ଉବେଦାଃଙ୍କୁ ଏହାର ସୂଚନା ମିଳିଲା, ଆପଣ[ର.ଅ] ହଜରତ ଖାଲିଦ୍ [ର.ଅ]ଙ୍କୁ ପରାମର୍ଶ କରିବା ସକାଶେ ଡ଼କାଇଲେ । ଯେତେବେଳେ ହରକଲ୍‌ର ସେନା ଅନ୍‌ତାକିୟା ପହଂଚିଲା ସହରର ମୂଖ୍ୟ ଦ୍ୱାର ସେମାନଙ୍କ ପାଇଁ ଖୋଲିଦିଆଗଲା । ସିରିୟାର ଉତ୍ତରାଂଚଳ ବାସୀନ୍ଦାଙ୍କର ବିଦ୍ରୋହ ଦେଖି ହଜରତ ଅବୁ ଉବେଦାଃଙ୍କୁ ଅନୁମିତ ହେଲା ଯେ ସେ ହିମସରେ ଶତ୍ରୁମାନଙ୍କ ଦ୍ୱାରା ଘେରି ଯାଇଛନ୍ତି । ଆପଣ ସଙ୍ଗେସଙ୍ଗେ ଏହାର ସୂଚନା ହଜରତ ଉମର [ର.ଅ]ଙ୍କୁ ଦେଲେ । ହଜରତ ଉମର[ର.ଅ] ପ୍ରଥମରୁ ଏହି ବିପଦ ସଙ୍କୁଳ ପରିସ୍ଥିତିର ଅନୁମାନ କରି ନେଇଥିଲେ । ଆପଣ ନିଜ ଦୂରଦର୍ଶିତା ବଶତଃ ପୂର୍ବରୁ ହିଁ କୁଫା ଓ ବସରାରେ ସୈନ୍ୟ ଛାଉଣି ପ୍ରସ୍ତୁତ କରି ଦେଇଥିଲେ । ଯେତେବେଳେ ହଜରତ ଅବୁ ଉବେଦାଃଙ୍କର ଏହି ସୂଚନା ଆପଣ [ର.ଅ]ଙ୍କୁ ମିଳିଲା ଆପଣ ଆକଳନ କରି ନେଇଥିଲେ ଯେ ମୁସଲମାନମାନଙ୍କ ଶ୍ରେଷ୍ଠ ସେନାଧକ୍ଷ ବହୁତ ବଡ଼ ବିପଦ ମୁହାଣରେ ପଡ଼ି ଯାଇଛନ୍ତି । ଅତଏବ ଆପଣ[ର.ଅ] ଆଉ କାଳ ବିଲମ୍ବ ନକରି ହଜରତ ସାଦ୍ ବିନ୍ ଅବି ୱକାସଙ୍କୁ ପତ୍ର ଲେଖିଲେ ଯେ କାଆକା ବିନ୍ ଉମରୋଙ୍କୁ ହିମସ୍ ପ୍ରେରଣ କରିଦିଅ । ଏହିପରି ଆପଣ ରୋମୀମାନଙ୍କ ମୁକାବିଲା ପାଇଁ ଆଗରୁ ପ୍ରସ୍ତୁତ ରହିଥିବା ସେନାଧକ୍ଷଙ୍କୁ ମଧ୍ୟ ପତ୍ର ଲେଖିଲେ ଯେ ଯେଉଁ ଅଂଚଳରୁ ହରକଲ୍‌କୁ ସାହାଯ୍ୟ କରିବା ସକାଶେ ସୈନିକ ଏକତ୍ରିତ ହୋଇଛନ୍ତି ସେହି ଅଂଚଳଗୁଡ଼ିକୁ ନିଜ ସୈନ୍ୟ ଦଳ ପ୍ରେରଣ କର । ଏହି ଯୁଦ୍ଧ କୂଟନୀତିର ଫଳସ୍ୱରୂପ ହରକଲ୍‌ର ସାହାଯ୍ୟ ପାଇଁ ଆସୁଥିବା ସୈନିକମାନେ ନିଜ ନିଜ ଅଂଚଳକୁ ଫେରିଗଲେ । ଯେତେବେଳେ ଏହି ସୂଚନା ମିଳିଲା ଯେ ଉପକୂଳବର୍ତ୍ତୀ ଅଂଚଳରୁ ଆସୁଥିବା ସୈନିକମାନେ ଫେରିଗଲେ, ସେଥିଅନ୍ତେ ମୁସଲମାନ ସେନା ରୋମୀମାନଙ୍କ ମୁକାବିଲା ପାଇଁ ବାହାରିଲେ । ହଜରତ ଅବୁ ଉବେଦାଃ ଯୁଦ୍ଧ ପ୍ରସ୍ତୁତି ସହିତ ମୁସଲମାନ ସେନାକୁ ଅତ୍ୟନ୍ତ ଉତ୍ସାହ ପୂର୍ଣ୍ଣ ଅଭିଭାଷଣ ଦେଲେ । ଶେଷରେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କଲେ । ହଜରତ ଉମର[ର.ଅ] ସିରିୟା ମାର୍ଗରେ ଜାବିୟା ଠାରେ ପହଂଚିଥିଲେ ଯେ ଆପଣ [ର.ଅ]ଙ୍କୁ ଏହି ବିଜୟର ସୁସମାଚାର ମିଳିଲା । ସେହିଠାରୁ ହିଁ ଆପଣ ମଦିନା ପ୍ରସ୍ଥାନ କରିଗଲେ । ଆପଣ[ର.ଅ] ଏହି ଆଦେଶ ଦେଲେ ଯେ ମାଲେ ଗନିମତରେ କୁଫାବାସୀଙ୍କୁ ଭାଗ ଦିଅ । ଏହି ବିଜୟର ତିନି ବର୍ଷ ପରେ ୨୦ ହିଜ୍‌ରୀରେ ହରକଲ୍‌ର ମୃତ୍ୟୁ ହୋଇଥିଲା ।

ଆଗକୁ ମଧ୍ୟ ହଜରତ ଉମର [ର.ଅ]ଙ୍କର ଆଲୋଚ୍ୟ ଜୀବନୀ ଅବ୍ୟାହତ ରହିବ । ସେଥିଅନ୍ତେ ହଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଚୌଧରୀ ସଇଦ୍ ଅହମଦ ଲଖନ୍ ସାହେବ ଅବସର ପ୍ରାପ୍ତ ଷ୍ଟେସନ୍ ମାଷ୍ଟର କାନେଡ଼ା ନିବାସୀ, ଶ୍ରୀମାନ ଶାହାବୁଦ୍ଦିନ୍ ସାହେବ ନ୍ୟାସନାଲ ଅମିର ବଙ୍ଗଳାଦେଶ, ଶ୍ରୀମାନ ରାୱ୍ଲ୍ ଅବ୍ଦୁଲ୍ଲାଃ ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ହଜୁର ଅନଓ୍ୱର[ଅ.ବ] ସମସ୍ତଙ୍କ ମୃତକଙ୍କ ପାଇଁ କ୍ଷମା ଯାଚନା କରି ସେମାନଙ୍କ ବୈକୁଣ୍ଠରେ ସ୍ତର ଉର୍ଦ୍ଧ୍ୱଗାମୀ ହେବାର ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
24th September 2021